# ସନନ୍ତ

## ଇଚ୍ଛାର୍ଥକ ଧାତୁ

ଇଚ୍ଛାର୍ଥକ ଧାତୁ ଓ ତା'ର କର୍ମସ୍ଥାନୀୟ ଧାତୁର କର୍ତ୍ତା ଜଣେ ହୋଇଥିଲେ କର୍ମସ୍ଥାନୀୟ ଧାତୁରୁ ଉତ୍ତର ଇଚ୍ଛା ଅର୍ଥରେ ବିକଳ୍ପରେ ସନ୍ (ସ) ପ୍ରତ୍ୟୟ ହୁଏ। ସନ୍ ଅନ୍ତରେ ଲାଗି ପଦ ଗଠିତ ହେଉଥିବାରୁ ପଦକୁ ସନନ୍ତ ପଦ (ସନ୍+ଅନ୍ତ=ସନନ୍ତ) କୁହାଯାଏ।

୧. ରାମଃ ପଠିତୁମ୍ ଇଚ୍ଛତି - ରାମଃ ପିପଠିଷତି।

୨. ଲତା ଲବ୍ଧୁମ୍ ଇଚ୍ଛତି - ଲତା ଲିପ୍ସତେ।

ପ୍ରଥମବାକ୍ୟରେ 'ପଠିତୁମ୍ ଇଚ୍ଛତି' ସ୍ଥାନରେ ବିକଳ୍ପରେ 'ପିପଠିଷତି' ହୋଇଛି। ଏଥିରେ 'ପଠିତୁମ୍' ପଦ ପଠ୍ ଧାତୁରୁ ଏବଂ 'ଇଚ୍ଛତି' ପଦ 'ଇଷ୍' ଧାତୁରୁ ନିଷ୍ପନ୍ନ ହୋଇଛି। କର୍ମସ୍ଥାନୀୟ 'ପଠିତୁମ୍' ଏବଂ 'ଇଚ୍ଛତି' ଉଭୟର କର୍ତ୍ତା 'ରାମଃ' ହୋଇଥିବାରୁ 'ପଠ୍' ଧାତୁରୁ 'ସନ୍' ଲାଗି 'ପିପଠିଷ' ହେବାପରେ ଲଟ୍ ପ୍ରଥମପୁରୁଷ ଏକବଚନରେ 'ପିପଠିଷତି' ହୋଇଛି। (ପଠ୍+ସନ୍+ଶପ୍+ତିପ୍)। ଦ୍ୱିତୀୟବାକ୍ୟରେ 'ଲବ୍ଧୁମ୍ ଇଚ୍ଛତି' ସ୍ଥାନରେ ବିକଳ୍ପରେ 'ଲିପ୍ସତେ' ହୋଇଅଛି। କର୍ମସ୍ଥାନୀୟ 'ଲବ୍ଧୁମ୍' ଏବଂ 'ଇଚ୍ଛତି' ପଦର କର୍ତ୍ତା 'ଲତା' ହୋଇଥିବାରୁ 'ଲଭ୍' ଧାତୁରୁ 'ସନ୍' ପ୍ରତ୍ୟୟ ଲାଗି 'ଲିପ୍ସ' ହେବାପରେ 'ଲିପ୍ସତେ' ପଦ (ଲଭ୍-ସନ୍+ଶପ୍+ତେ) ଗଠିତ ହୋଇଅଛି।

ମନେରଖ - 'ସନନ୍ତ' ହେବାପୂର୍ବରୁ ଧାତୁ ଆତ୍ମନେପଦୀ ବା ପରସ୍ମୈପଦୀ ହୋଇଥାଏ, ସନନ୍ତଧାତୁ ମଧ୍ୟ ସେହି ଆତ୍ମନେ ପଦୀ ବା ପରସ୍ମୈପଦୀ ହୁଏ। କେବଳ ଧାତୁର ରୂପରେ ପରିବର୍ତ୍ତନ ହୋଇଥାଏ। ଉଭୟପଦୀ ଧାତୁର ସନନ୍ତରୂପ ଉଭୟପଦୀ ହୋଇଥାଏ।

କେତେକ ଧାତୁର ସନନ୍ତରେ ଲଟ୍ ପ୍ରଥମପୁରୁଷ ଏକବଚ଼ନରେ ରୂପ ନିମ୍ନରେ ଦିଆଗଲା । ଲକ୍ଷ୍ୟ କର---

| ଧାତୁ | ସନନ୍ତରୂପ | ଲଟ୍ ପ୍ରଥମ ପୁରୁଷ ଏକବଚନରେ ରୂପ |
|---|---|---|
| ପଠ | ପିପଠିଷ | ପିପଠିଷତି |
| ଗମ୍ | ଜିଗମିଷ | ଜିଗମିଷତି |
| କୃ | ଚିକୀର୍ଷ | ଚିକୀର୍ଷତି |
| ନୀ | ନିନୀଷ | ନିନୀଷତି |
| ଭୂ | ବୁଭୂଷ | ବୁଭୂଷତି |
| ଦା | ଦିତ୍ସ | ଦିତ୍ସତି |
| କ୍ରୀ | ଚ଼ିକ୍ରୀଷ | ଚ଼ିକ୍ରୀଷତି |
| ଗ୍ରହ୍ | ଜିଘୃକ୍ଷ | ଜିଘୃକ୍ଷତି |
| ଧା | ଧିତ୍ସ | ଧିତ୍ସତି |
| ନମ୍ | ନିନଂସ | ନିନଂସତି |

| | | |
|---|---|---|
| ଅଦ୍ | ଜିଘତ୍ସ | ଜିଘତ୍ସତି |
| ଗୈ | ଜିଗାସ | ଜିଗାସତି |
| ଆପ୍ | ଈପ୍ସ | ଈପ୍ସତି |
| ଘ୍ରା | ଜିଘ୍ରାସ | ଜିଘ୍ରାସତି |
| ଦହ୍ | ଦିଧକ୍ଷ | ଦିଧକ୍ଷତି |
| ଚି | ଚିଚୀଷ | ଚିଚୀଷତି |
| ରୁଦ୍ | ରୁରୁଦିଷ | ରୁରୁଦିଷତି |
| ଭୀ | ବିଭୀଷ | ବିଭୀଷତି |
| ଛିଦ୍ | ଚିଚ୍ଛିତ୍ସ | ଚିଚ୍ଛିତ୍ସତି |
| ତ୍ୟଜ୍ | ତିତ୍ୟକ୍ଷ | ତିତ୍ୟକ୍ଷତି |
| ମୃ | ମୁମୂର୍ଷ | ମୁମୂର୍ଷତି |
| ବିଦ୍ | ବିବିଦିଷ | ବିବିଦିଷତି |
| ଭିଦ୍ | ବିଭିତ୍ସ | ବିଭିତ୍ସତି |
| ଭୁଜ୍ | ବୁଭୁକ୍ଷ | ବୁଭୁକ୍ଷତି |
| ଅସ୍ | ବୁଭୂଷ | ବୁଭୂଷତି |
| ମୁଚ୍ | ମୁମୁକ୍ଷ | ମୁମୁକ୍ଷତି |
| ପା | ପିପାସ | ପିପାସତି |
| ରୁହ୍ | ରୁରୁକ୍ଷ | ରୁରୁକ୍ଷତି |
| ଲିଖ୍ | ଲିଲେଖିଷ | ଲିଲେଖିଷତି |
| ନଶ୍ | ନିନଙ୍କ୍ଷ | ନିନଙ୍କ୍ଷତି |
| ପ୍ରଚ୍ଛ୍ | ପିପୃଚ୍ଛିଷ | ପିପୃଚ୍ଛିଷତି |
| ବ୍ରୂ, ବଚ୍ | ବିବକ୍ଷ | ବିବକ୍ଷତି |
| ସ୍ଥା | ତିଷ୍ଠାସ | ତିଷ୍ଠାସତି |
| ହନ୍ | ଜିଘାଂସ | ଜିଘାଂସତି |
| ସୃଜ୍ | ସିସୃକ୍ଷ | ସିସୃକ୍ଷତି |
| ସିଚ୍ | ସିସିକ୍ଷ | ସିସିକ୍ଷତି |
| ହା | ଜିହାସ | ଜିହାସତି |
| ଖାଦ୍ | ଚିଖାଦିଷ | ଚିଖାଦିଷତି |
| ଗଣ୍ | ଜିଗଣୟିଷ | ଜିଗଣୟିଷତି |
| କ୍ଷିପ୍ | ଚିକ୍ଷିପ୍ସ | ଚିକ୍ଷିପ୍ସତି |

| | | |
|---|---|---|
| ଚର | ଚିଚରିକ୍ଷ | ଚ଼ିଚରିଷତି |
| ଜୀବ୍ | ଜିଜୀବିଷ | ଜିଜୀବିଷତି |
| ଜି | ଜିଗୀଷ | ଜିଗୀଷତି |
| ଜପ୍ | ଜିଜପିଷ | ଜିଜପିଷତି |
| ଦନ୍ଶ | ଦିନକ୍ଷ | ଦିଦକ୍ଷତି |
| ନିନ୍ଦ୍ | ନିନିନ୍ଦିଷ | ନିନିନ୍ଦିଷତି |
| ପଚ୍ | ପିପକ୍ଷ | ପିପକ୍ଷତି |
| ଭ୍ରମ୍ | ବିଭ୍ରମିଷ | ବିଭ୍ରମିଷତି |
| ଯା | ୟିଯାସ | ୟିଯାସତି |
| ରକ୍ଷ୍ | ରିରକ୍ଷିଷ | ରିରକ୍ଷିଷତି |
| ବସ | ବିବତ୍ସ | ବିବତ୍ସତି |
| ସ୍ୱପ୍ | ସୁଷୁପ୍ସ | ସୁଷୁପ୍ସତି |
| ହୃଷ୍ | ଜିହର୍ଷିଷ | ଜିହର୍ଷିଷତି |

**ଆତ୍ମନେପଦୀ –**

| | | |
|---|---|---|
| ଲଭ୍ | ଲିପ୍ସ | ଲିପ୍ସତେ |
| ଜନ୍ | ଜିଜନିଷ | ଜିଜନିଷତେ |
| ରମ୍ | ରିରଂସ | ରିରଂସତେ |
| ରଭ୍ | ରିପ୍ସ | ରିପ୍ସତେ |
| ବୁଧ୍ | ବୁଭୁତ୍ସ | ବୁଭୁତ୍ସତେ |
| ଶୀ | ଶିଶୟିଷ | ଶିଶୟିଷତେ |
| ଅଧି–ଇ | ଅଧିଜିଗାଂସ | ଅଧିଜିଗାଂସତେ |
| ସେବ୍ | ସିସେବିଷ | ସିସେବିଷତେ |
| ମୁଚ୍ | ମୁମୁକ୍ଷ | ମୁମୁକ୍ଷତେ |
| ଈକ୍ଷ୍ | ଈଚିକ୍ଷିଷ | ଈଚିକ୍ଷିଷତେ |
| ଡୀ | ଡିଡ଼ୟିଷ | ଡିଡ଼ୟିଷତେ |
| ତିଜ | ତିତିକ୍ଷ | ତିତିକ୍ଷତେ |
| ତ୍ରୈ | ତିତ୍ରାସ | ତିତ୍ରାସତେ |
| ବଧ୍ | ବୀଭତ୍ସ | ବୀଭତ୍ସତେ |
| ମାନ୍ | ମୀମାଂସ | ମୀମାଂସତେ |
| ଯୁଧ୍ | ଯୁଯୁତ୍ସ | ଯୁଯୁତ୍ସତେ |

କେତେକ ସନନ୍ତ ଧାତୁର ପ୍ରୟୋଗକୁ ଲକ୍ଷ୍ୟ କର–

ବାଳକଃ ବିଦ୍ୟାଳୟଂ ଜିଗମିଷତି । (ଗନ୍ତୁମ୍ ଇଚ୍ଛତି)

ଶିଶୁଃ ମୋଦକଂ ଦୃଷ୍ଟ୍ୱା ବୁଭୁକ୍ଷତି । (ଭୋକ୍ତୁମ୍ ଇଚ୍ଛତି)

ମୃଗଃ ଜଳଂ ପିପାସତି । (ପାତୁମ୍ ଇଚ୍ଛତି)

ତାପସଃ ବୈକୁଣ୍ଠେ ତିଷ୍ଠାସତି । (ସ୍ଥାତୁମ୍ ଇଚ୍ଛତି)

ବାଳିକା ଗୀତଂ ଜିଗାସତି । (ଗାତୁମ୍ ଇଚ୍ଛତି)

ବ୍ୟାଧଃ ପଶୂନ୍ ଜିଘାଂସତି । (ହନ୍ତୁମ୍ ଇଚ୍ଛତି)

ମାତା ଅନ୍ନଂ ପିପକ୍ଷତି । (ପକ୍ତୁମ୍ ଇଚ୍ଛତି)

ଶିଷ୍ୟଃ ଗୁରୁଂ ପିପୃଚ୍ଛିଷତି । (ପ୍ରଷ୍ଟୁମ୍ ଇଚ୍ଛତି)

କୃପଣଃ ଧନଂ ଲିପ୍ସତେ । (ଲବ୍‌ଧୁମ୍ ଇଚ୍ଛତି)

ଅହଂ ସମ୍ପ୍ରତି ଶିଶୟିଷେ । (ଶୟିତୁମ୍ ଇଚ୍ଛାମି)

ତ୍ୱଂ ପିତରୌ ସିଷେବିଷସେ । (ସେବିତୁମ୍ ଇଚ୍ଛସି)

କେତେକ ଧାତୁର ସନନ୍ତରେ ପରସ୍ମୈପଦୀସ୍ଥାନରେ ଆତ୍ମନେପଦୀ ରୂପ ହୁଏ ।

ଲକ୍ଷ୍ୟ କର – ଜ୍ଞାତୁମ୍ ଇଚ୍ଛତି = ଜିଜ୍ଞାସତେ । (ଜାଣିବାକୁ ଚାହୁଁଛି)

ବାଳକଃ କିଂ ଜିଜ୍ଞାସତେ ?

ସ୍ମର୍ତୁମ୍ ଇଚ୍ଛତି = ସୁସ୍ମୂର୍ଷତେ । (ସ୍ମରଣ କରିବାକୁ ଇଚ୍ଛା କରୁଛି)

କନ୍ୟା ମାତରଂ ସୁସ୍ମୂର୍ଷତେ ।

ଦ୍ରଷ୍ଟୁମ୍ ଇଚ୍ଛତି = ଦିଦୃକ୍ଷତେ । (ଦେଖିବାକୁ ଇଚ୍ଛା କରୁଛି)

ପରିବ୍ରାଜକଃ ସମୁଦ୍ରଂ ଦିଦୃକ୍ଷତେ ।

ଶ୍ରୋତୁମ୍ ଇଚ୍ଛତି = ଶୁଶ୍ରୂଷତେ । (ଶୁଣିବାକୁ ଇଚ୍ଛା କରୁଛି)

ବୃଦ୍ଧା ପୁରାଣଂ ଶୁଶ୍ରୂଷତେ ।

**ଅନ୍ୟ କେତେକ ଧାତୁର ସ୍ୱାର୍ଥରେ 'ସନ୍' ପ୍ରତ୍ୟୟ ହୁଏ, ଇଚ୍ଛାର୍ଥରେ ନୁହେଁ ।**

ଲକ୍ଷ୍ୟ କର – କିତ୍+ସନ୍+ଶପ୍+ତିପ୍ = ଚିକିତ୍ସତି (ଆରୋଗ୍ୟ କରୁଛି)

ବୈଦ୍ୟଃ ରୁଗ୍‌ଣଂ ଚିକିତ୍ସତି ।

ଗୁପ୍+ସନ୍+ଶପ୍+ତେ = ଜୁଗୁପ୍ସତେ । (ଘୃଣା କରୁଛି)

ରାମଃ ଶ୍ୟାମାତ୍ ଜୁଗୁପ୍ସତେ ।

ତିଜ୍+ସନ୍+ଶପ୍+ତେ = ତିତିକ୍ଷତେ । (ସହ୍ୟ କରୁଛି)

ବାଳକଃ ମିତ୍ରଂ ନ ତିତିକ୍ଷତେ ।

ବଧ୍+ସନ୍+ଶପ୍+ତେ = ବୀଭତ୍ସତେ । (ନିନ୍ଦା କରୁଛି)

କୃପଣଃ ଦାତାରଂ ବୀଭତ୍ସତେ ।

ମାନ୍+ସନ୍+ଶପ୍+ତେ = ମୀମାଂସତେ । (ନିଷ୍ପତ୍ତି କରୁଛି)

ସଭାପତିଃ ଆବେଦନଂ ମୀମାଂସତେ ।

ସନନ୍ତ ଧାତୁ ସହିତ ଆ (ସ୍ତ୍ରୀ) ପ୍ରତ୍ୟୟ ଲାଗି ବିଶେଷ୍ୟପଦ ଗଠିତ ହୁଏ ।

ଯଥା - ପା + ସନ୍ + ଆ = ପିପାସା ।

ଭୁଜ୍ + ସନ୍ + ଆ = ବୁଭୁକ୍ଷା ।

ଦୃଶ୍ + ସନ୍ + ଆ = ଦିଦୃକ୍ଷା ।

ଜ୍ଞା + ସନ୍ + ଆ = ଜିଜ୍ଞାସା ।

ଜି + ସନ୍ + ଆ = ଜିଗୀଷା ।

ପଠ୍ + ସନ୍ + ଆ = ପିପଠିଷା ।

ଲଭ୍ + ସନ୍ + ଆ = ଲିପ୍ସା  ଇତ୍ୟାଦି ।

ବାକ୍ୟରେ ପ୍ରୟୋଗକୁ ଲକ୍ଷ୍ୟ କର-

ମମ ପିପାସା ବର୍ଦ୍ଧତେ ।

ଶିଶୋଃ ବୁଭୁକ୍ଷା ଅସ୍ତି ।

ଶିଷ୍ୟସ୍ୟ ଜିଜ୍ଞାସାଂ ଗୁରୁଃ ଦୂରୟତି ।

ମମ କୋଣାର୍କମନ୍ଦିରସ୍ୟ ଦିଦୃକ୍ଷା ବର୍ତ୍ତତେ ।

ଧନଲିପ୍ସା କୁମାର୍ଗଂ ନୟତି । ଇତ୍ୟାଦି ।

**ମନେରଖ -** 'ଆ' ପ୍ରତ୍ୟୟାନ୍ତ ସନନ୍ତପଦ 'ଲତା' ଶବ୍ଦ ପରି ରୂପଗ୍ରହଣ କରିଥାଏ ।

ସନନ୍ତ ଧାତୁ ସହିତ 'ଉ' ପ୍ରତ୍ୟୟ ଲାଗି କର୍ତ୍ତୃପଦ ଗଠିତ ହୁଏ । 'ଉ' ପ୍ରତ୍ୟୟାନ୍ତ ପଦର ପୁଂଲିଙ୍ଗରେ 'ସାଧୁ' ଶବ୍ଦ ପରି ରୂପ ହୋଇଥାଏ । କେତେକ 'ଉ' ପ୍ରତ୍ୟୟାନ୍ତ ପଦର ଉଦାହରଣ ନିମ୍ନରେ ପ୍ରଦତ୍ତ ହୋଇଛି, ଦେଖ-

ଲଭ୍ + ସନ୍ + ଉ = ଲିପ୍ସୁ ।

ଜ୍ଞା + ସନ୍ + ଉ = ଜିଜ୍ଞାସୁ ।

ଜୀବ୍ + ସନ୍ + ଉ = ଜିଜୀବିଷୁ ।

ବଚ୍ + ସନ୍ + ଉ = ବିବକ୍ଷୁ ।

ଦା + ସନ୍ + ଉ = ଦିତ୍ସୁ ।

ମୃ + ସନ୍ + ଉ = ମୁମୂର୍ଷୁ ।

ମୁଚ୍ + ସନ୍ + ଉ = ମୁମୁକ୍ଷୁ । ଇତ୍ୟାଦି ।

ବାକ୍ୟରେ ପ୍ରୟୋଗକୁ ଲକ୍ଷ୍ୟ କର–

ଧାର୍ମିକଃ ଈଶ୍ୱରଂ <u>ଜିଜ୍ଞାସୁଃ</u> ଭବତି ।

ଦୁର୍ବୃତ୍ତାଃ ଧନଂ <u>ଲିପ୍ସବଃ</u> ଭବନ୍ତି ।

ତ୍ୱଂ କିଞ୍ଚିତ୍ <u>ବିବକ୍ଷୁଃ</u> ଅସି ?

ସନ୍ନ୍ୟାସୀ ସଂସାରଂ <u>ମୁମୁକ୍ଷୁଃ</u> ଭବତି ।

ସର୍ବେ ସୁଖେନ <u>ଜିଜୀବିଷବଃ</u> ସନ୍ତି ।

ପିତା ବସ୍ତ୍ରଂ <u>ଚିକ୍ରୀଷୁଃ</u> ଆସୀତ୍ ।

ଛାତ୍ରାଃ ପ୍ରାନ୍ତରେ <u>ଚିକ୍ରୀଡିଷବଃ</u> ସନ୍ତି । ଇତ୍ୟାଦି ।

ପଠ୍ ଧାତୁର ସନନ୍ତରୂପ ବିଭିନ୍ନଲକାରରେ ନିମ୍ନ ପରି ହୋଇଥାଏ, ଲକ୍ଷ୍ୟକର – ପିପଠିଷତି, ପିପଠିଷେତ୍, ପିପଠିଷତୁ, ଅପିପଠିଷତ୍, ପିପଠିଷସ୍ୟତି । ଏହିପରି ଅନ୍ୟ ଧାତୁମାନଙ୍କର ସନନ୍ତରୂପ କରାଯାଏ । ଲଭ୍ଧାତୁର ସନନ୍ତରୂପ – ଲିପ୍ସତେ, ଲିପ୍ସେତ, ଲିପ୍ସତାମ୍, ଅଲିପ୍ସତ, ଲିପ୍ସିଷ୍ୟତେ । ଇତ୍ୟାଦି ।

## ଅଭ୍ୟାସ

**୧ । ସଂସ୍କୃତଭାଷୟା ଅନୁବାଦଂ କୁରୁତ –**

(କ) ଛାତ୍ରମାନେ ସଂସ୍କୃତ ପଢ଼ିବାକୁ ଇଚ୍ଛା କରୁଛନ୍ତି ।

(ଖ) ହରି ରହସ୍ୟ ଜାଣିବାକୁ ଇଚ୍ଛା କରୁଛି ।

(ଗ) ମୁଁ ଚିତ୍ର ଦେଖିବାକୁ ଚାହୁଁଛି ।

(ଘ) ମାଆ ଦହି ଖାଇବାକୁ ଇଚ୍ଛା କରୁଛନ୍ତି ।

(ଙ) କେତେକ ଲୋକ ଘରେ ରହିବାକୁ ଇଚ୍ଛା କରନ୍ତି ।

(ଚ) ଝିଅମାନେ ନାଚିବାକୁ ଇଚ୍ଛା କରୁଛନ୍ତି ।

(ଛ) ଗାୟକଦୁହେଁ ଶାସ୍ତ୍ରୀୟସଙ୍ଗୀତ ଗାଇବାକୁ ଇଚ୍ଛା କରିଥିଲେ ।

(ଜ) ପିଲାଟି ଘରକୁ ଯିବାକୁ ଇଚ୍ଛା କରିବ ।

(ଝ) ନେତାମାନେ ଦରିଦ୍ରମାନଙ୍କୁ ଦେବାକୁ ଇଚ୍ଛା କରିବା ଉଚିତ ।

(ଞ) ତୁମ୍ଭେମାନେ ଗୁରୁଙ୍କ ଉପଦେଶ ଗ୍ରହଣ କରିବାକୁ ଇଚ୍ଛା କର ।

(ଟ) ଲୋକମାନେ ଗାଁରେ ରହିବାକୁ ଇଚ୍ଛା କରିପାରନ୍ତି ।

(ଠ) ଶିଶୁଦୁଇଟି ଶୋଇବାକୁ ଇଚ୍ଛା କରୁଛନ୍ତି ।

(ଡ) ସାଧୁମାନେ ସଂସାର ତ୍ୟାଗ କରିବାକୁ ଇଚ୍ଛା କରୁଛନ୍ତି ।

(ଢ଼) ଆମେ ବହିଗୁଡ଼ିକୁ ନେବାକୁ ଇଚ୍ଛା କରୁଛୁ ।

(ଣ) ତୁମେ ଚିଠିଟିଏ ଲେଖିବାକୁ ଇଚ୍ଛା କରିଥିଲ ।

୨। ଏକପଦେନ ଅର୍ଥଂ ପ୍ରକାଶୟତ –

ପକ୍ତୁମ୍ ଇଚ୍ଛତି। ପାତୁମ୍ ଇଚ୍ଛସି। ଜ୍ଞାତୁମ୍ ଇଚ୍ଛାମଃ।

ବକ୍ତୁମ୍ ଇଚ୍ଛେତ୍। ଦାତୁମ୍ ଇଚ୍ଛା। ଶ୍ରୋତୁମ୍ ଐଚ୍ଛତ୍।

ଦ୍ରଷ୍ଟୁମ୍ ଇଚ୍ଛା। ଗ୍ରହୀତୁମ୍ ଇଚ୍ଛା। ନେତୁମ୍ ଇଚ୍ଛୁଃ।

୩। ଅଧୋଲିଖିତପଦାନି ବ୍ୟବହୃତ୍ୟ ସଂସ୍କୃତେନ ବାକ୍ୟାନି ରଚୟତ –

ରୁରୁଦିଷତି, ଜିହସିଷନ୍ତି, ମୀମାଂସତେ, ଯୁଯୁତ୍ସତେ, ବିବକ୍ଷନ୍ତି, ଶୁଶ୍ରୂଷତାମ୍, ଅଯିଯାସତ୍, ପିପୃଚ୍ଛିଷତି।

୪। ସଂଶୋଧନଂ କୁରୁତ –

(କ) ବାଳକଃ ପିତରଂ ଦିଦୃକ୍ଷତି।

(ଖ) ଛାତ୍ରଃ ପୁରସ୍କାରଂ ଲିପ୍ସତି।

(ଗ) ରମା ପୁଷ୍ପାଣି ଜିଘ୍ରାସତେ।

(ଘ) ମାତୁଳଃ ବିଦେଶଂ ଯିଯାସତେ।

(ଙ) ଯନ୍ତ୍ରୀ ମନ୍ଦିରଂ ମିତ୍ସତେ।

(ଚ) ତସ୍କରଃ ଧନଂ ଜିହୀର୍ଷତେ।

(ଛ) ଦାତାରଃ ଦରିଦ୍ରେଭ୍ୟଃ ଧନଂ ଦିତ୍ସତି।

(ଜ) ବୃଦ୍ଧାଃ ବିଦ୍ୟାଳୟେ ପିପଠିଷତଃ।

(ଝ) ଅହଂ ବସ୍ତ୍ରଂ ତିତ୍ୟକ୍ଷସି।

(ଞ) ତ୍ୱଂ କିଂ ଚିକ୍ରୀଷତି।

(ଟ) ଅଗ୍ନିଃ ଗୃହଂ ଦିଧକ୍ଷତେ।

୫। ସ୍ତମ୍ଭମେଳନଂ କୁରୁତ–

| କସ୍ତମ୍ଭଃ | ଖସ୍ତମ୍ଭଃ |
|---|---|
| କର୍ତ୍ତୁମ୍ ଇଚ୍ଛତି | ଈପ୍ସସି |
| ଦାତୁମ୍ ଇଚ୍ଛନ୍ତି | ଶୁଶ୍ରୂଷୁଃ |
| ନେତୁମ୍ ଇଚ୍ଛେତ୍ | ଅଧିଜିଗାଂସନ୍ତାମ୍ |
| ଜୀବିତୁମ୍ ଇଚ୍ଛତୁ | ଚିକୀର୍ଷତି |
| ଜ୍ଞାତୁମ୍ ଐଚ୍ଛତ୍ | ବିବକ୍ଷା |
| ପାତୁମ୍ ଇଚ୍ଛାମଃ | ଦିତ୍ସନ୍ତି |
| ବକ୍ତୁମ୍ ଇଚ୍ଛା | ନିନୀଷେତ୍ |
| ଶ୍ରୋତୁମ୍ ଇଚ୍ଛୁଃ | ତିଷ୍ଣାସା |
| ସ୍ଥାତୁମ୍ ଇଚ୍ଛା | ପିପାସାମଃ |
| ଆପ୍ତୁମ୍ ଇଚ୍ଛସି | ଜିଜୀବିଷତୁ |
| ଅଧ୍ୟେତୁମ୍ ଇଚ୍ଛନ୍ତୁ | ଅଜିଜ୍ଞାସତ୍ |

**୬। ସନନ୍ତରୂପାଣି ଲିଖତ -**

ବଦ୍ - ଲଟ୍‌ଲକାର ପ୍ରଥମପୁରୁଷ ବହୁବଚନେ।

ଲିଖ୍ - ଲଙ୍‌ଲକାର ମଧ୍ୟମପୁରୁଷ ଦ୍ୱିବଚନେ।

ମୃ - ବିଧିଲିଙ୍ ଲକାର ଉତ୍ତମପୁରୁଷ - ଏକବଚନ।

ଡ଼ୀ - ଲଟ୍‌ଲକାର ପ୍ରଥମପୁରୁଷ - ଏକବଚନ।

ଦନ୍ଶ୍ - ଲୋଟ୍ ଲକାର ଉତ୍ତମପୁରୁଷ ବହୁବଚନେ।

ପ୍ରଛ୍ - ଲଙ୍ ଲକାର ପ୍ରଥମପୁରୁଷ ବହୁବଚନେ।

ପଠ୍ - ବିଧିଲିଙ୍ ଲକାର ପ୍ରଥମପୁରୁଷ ଦ୍ୱିବଚନେ।

**୭। ମୂଳଧାତୁଂ ନିରୂପୟତ-**

ଲିପ୍ସନ୍ତେ, ବିବସ୍‌ତି, ଶୁଶ୍ରୂଷନ୍ତେ, ୟିୟାସେତ୍, ଦିଧାବିଷତି, ନିନୀଷତୁ, ବୁଭୁକ୍ଷନ୍ତି, ତିତିକ୍ଷତେ।

•